# ଭାରତୀୟ ଜନତା ପାର୍ଟି, ଓଡିଶା

ଲୋକନାୟକ ଜୟପ୍ରକାଶ ନାରାୟଣ ଓ ନାନାଜୀ ଦେଶମୁଖଙ୍କ ଜୟନ୍ତୀ ଏବଂ ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପ୍ରସଙ୍ଗରେ

## ସଂପୂର୍ଣ୍ଣକ୍ରାନ୍ତିର ମହାନାୟକ ହେଲେ ଲୋକନାୟକ ଜୟପ୍ରକାଶ : ବିଶ୍ୱଭୂଷଣ ହରିଚନ୍ଦନ

**ଭୁବନେଶ୍ୱର, ତା.୧୧/୧୦:** ୧୯୪୭ ମସିହାରେ ଦେଶ ସ୍ୱାଧୀନତା ପ୍ରାପ୍ତି ହେବା ପରେ ପୁଣି ଥରେ ପରାଧିନ ଅଭିମୁଖେ ଗତି କରିବା ଆରମ୍ଭ ହୋଇସାରିଥିଲା । ଦେଶରେ ସାମ୍ବିଧାନିକ ସଂକଟ ସୃଷ୍ଟି ହେବା ସହ ଗଣତନ୍ତ୍ର ପ୍ରତି ବିପଦ ମାଡି ଆସୁଥିଲା । ପରିବାରବାଦ ରାଜନୀତି ଓ ଏକଛାତ୍ରବାଦ ଶାସନ କାରଣରୁ କଂଗ୍ରେସ ଦେଶରେ ଜରୁରୀକାଳିନ ପରିସ୍ଥିତି ଜାରି କରି ବହୁ କଟକଣା ଲାଗୁ କରିଥିଲା । ଏହିଭଳି ଗଣତାନ୍ତ୍ରୀକ ସଂକଟ ଏବଂ ପୁନଃ ପରାଧିନତାରୁ ଦେଶବାସୀଙ୍କୁ ମୁକ୍ତି ଦେବା ପାଇଁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ପୁଣି ଥରେ ଆଉ ଏକ ଆନ୍ଦୋଳନ ବ୍ୟାପକ ରୂପ ନେଇଥିଲା । ତେଣୁ ସଂପୂର୍ଣ୍ଣ କ୍ରାନ୍ତିର ମହାନାୟକ ହେଲେ ଲୋକନାୟକ ଜୟପ୍ରକାଶ । ଭାରତୀୟ ଜନସଂଘ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଅଖିଳ ଭାତୀୟ ବିଦ୍ୟାର୍ଥୀ ପରିଷଦ ସଂପୂର୍ଣ୍ଣ ଭାବେ ଏହି ଆନ୍ଦୋଳନକୁ ସହଯୋଗ କରିଥିଲେ । ବିଶେଷ ଭାବେ ନାନାଜୀ ଦେଶମୁଖ ଏହି ଆନ୍ଦୋଳନରେ ଜେପିଙ୍କୁ ପୂର୍ଣ୍ଣ ସହଯୋଗ କରିବା ସହ ପରିଚାଳନାର ଦାୟିତ୍ୱ ନେଇଥିଲେ । ଏପରିକି ଜରୁରୀକାଳିନ ପରିସ୍ଥିତି ପରେ ଗଠିତ ଜନତା ପାର୍ଟି ସରକାରରେ ନାନାଜୀ ଦେଶମୁଖ କେନ୍ଦ୍ରରେ ମନ୍ତ୍ରୀପଦକୁ ଅଗ୍ରାହ୍ୟ କରି ଦେଇଥିଲେ । ଦୁଇ ଜଣ ରାଷ୍ଟ୍ରନାୟକଙ୍କ ଆଜି ଭଳି ପବିତ୍ର ଜନ୍ମ ଜୟନ୍ତୀ ପାଳନ ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଯୋଗ ଦେଇ ବରିଷ୍ଠ ନେତା ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମତ ବ୍ୟକ୍ତ କରିଛନ୍ତି । ଏହା ସହ ଜରୁରୀକାଳିନ ପରିସ୍ଥିତ ସମୟରେ ଶ୍ରୀ ହରିଚନ୍ଦନ ନିଜ ଅନୁଭୁତିକୁ ମନେ ପକାଇଥିଲେ । ଏହି ଅବସରରେ ଓଡିଆ ବାଳକ ଶହୀଦ ବାଜି ରାଉତଙ୍କୁ ମଧ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ତାଙ୍କ ବୀରତ୍ୱ ଓ ସାହାସିକତା ପାଇଁ ସମସ୍ତ ଓଡିଆ ଆଜି ଗର୍ବିତ ବୋଲି ଶ୍ରୀ ହରିଚନ୍ଦନ କହିଥିଲେ ।

ଅନ୍ୟତମ ବକ୍ତା ଭାବେ ବିଜେପି ବାର୍ତା ସଂପାଦକ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଜରୁରୀକାଳିନ ପରିସ୍ଥିତି ସମୟରେ କଂଗ୍ରେସର ସ୍ୱେଚ୍ଛାଚାରିତା ଓ ଏକଛତ୍ରବାଦ ସଂପର୍କରେ ମତବ୍ୟକ୍ତ କରିଥିଲେ । ଆଲୋଚନା ଚକ୍ରରେ ସଭାପତିତ୍ୱ କରୁଥିବା ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି ନିଜ ଛାତ୍ର ଜୀବନ ସମୟରେ ଜେପି ଆନ୍ଦୋଳନର ଗୁରୁତ୍ୱ ଏବଂ ତାଙ୍କ ଉପରେ ପଡିଥିବା ପ୍ରଭାବ ସଂପର୍କରେ ଥିବା ଅନୁଭୁତିକୁ ମନେ ପକାଇଥିଲେ । ଆଲୋଚନା ଚକ୍ରର ସଂଚାଳନା କରୁଥିବା କାର୍ଯ୍ୟାଳୟ ସଂପାଦକ ଶ୍ରୀ ଭୁବନାନନ୍ଦ ତ୍ରିପାଠୀ ମଧ ଜରୁରୀକାଳିନ ପରିସ୍ଥିତି ସମୟରେ ନିଜ ଅନୁଭୂତିକୁ ମନେ ପକାଇଥିଲେ । ଏହି ଅଲୋଚନା ଚକ୍ରରେ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

ଆଜି ସକାଳେ ମାଷ୍ଟର କ୍ୟାଂଟିନ ଛକସ୍ଥିତ ଜେପିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଉପ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

**(ବିଜେପି ମିଡିଆ ସେଲ୍)**